# ଏକ ଐତିହାସିକ ପ୍ରଶ୍ନ

ଆଜି ଉତ୍କଳଗୌରବ ମଧୁସୂଦନଙ୍କର ୧୩୭ ତମ ଜୟନ୍ତୀ । ହଠାତ୍ ଜଣେ ଉତ୍ସାହୀ ଯୁବକ ମୋତେ ଆସି ପଚାରିଲେ "ସାରା ରାଜଧାନୀ ବୁଲିଆସିଲୁ ; ମଧୁବାବୁଙ୍କର ପ୍ରତିମୂର୍ତ୍ତିଟିଏ ପାଇଲୁ ନାହିଁ । ଅଥଚ ଗତକାଲି ସ୍କୁଲିଆଡ଼େ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ କଥା ପ୍ରଚାରିତ ହୋଇଛି ।" ଯୁବକଙ୍କ ପ୍ରଶ୍ନରେ ଥିଲା କିଛିଟା ଗ୍ଲାନି, କିଛିଟା କ୍ଷୋଭ ଏବଂ ଅନେକଟା ନିଗୂଢ଼ କୌତୂହଳ.... । କିନ୍ତୁ ଯୁବକଙ୍କର ଏ ପ୍ରଶ୍ନ ମୋତେ ଆଜି ବିବ୍ରତ କରୁଛି, ଅନେକଗୁଡ଼ିଏ ଭିନ୍ନ କାରଣରୁ । ରାଜଧାନୀରେ ମଧୁବାବୁଙ୍କର ପ୍ରତିମୂର୍ତ୍ତି ନାହିଁ ବୋଲି ମୁଁ ଯେତେଟା ବ୍ୟଥିତ ନୁହେଁ, ତା'ଠାରୁ ଅଧିକ ବିବ୍ରତ-ତାହା କାହିଁକି ନାହିଁ ବୋଲି ପ୍ରଶ୍ନଟିର ଉତ୍ତର ଖୋଜି ନ ପାଇବାରୁ । ଆଜି ସ୍କୁଲିଆଡ଼େ ସ୍ୱାଭିମାନର ପ୍ରଶ୍ନ ଉଠୁଥିବାବେଳେ, କଣ କୁଆଡ଼େ କିଛି ଚିଡ଼ିଚିଡ଼ିଯାଉଛି ନିଶ୍ଚୟ ।

ମୋର ଏବେ ବି ମନେଅଛି ହାଇସ୍କୁଲ ବେଳର କଥା । "ମଧୁବାବୁଙ୍କ ଜୀବନକାହାଣୀ ଉତ୍କଳର ଅର୍ଦ୍ଧ ଶତାବ୍ଦୀର ଇତିହାସ" ଏଇ ଗଦ୍ୟାଂଶଟିର ସାରକାର୍ଥ କରି ନ ଶିଖିଲେ, ସେତେବେଳେ ହାଇସ୍କୁଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କଷ୍ଟକର ହେଉଥିଲା । ପୁଣି ଏଇ ସ୍କୁଲମାନଙ୍କରୁ ଉତ୍ତୀର୍ଣ୍ଣ ହୋଇ ଆଜିର ଶିକ୍ଷିତ ଓଡ଼ିଆଏ ଗତ ପଚାଶ ବର୍ଷ ଭିତରେ, କେବଳ ଦେବପୂଜା କାହିଁକି, ଜୀବିତ ଲୋକମାନଙ୍କର ଜୟନ୍ତୀ ପାଳନରେ ସୁଦ୍ଧା ଅଭ୍ୟସ୍ତ ହୋଇ ବ୍ୟକ୍ତିପୂଜାର ଏକ ରୀତିମତ ପରମ୍ପରା ସୃଷ୍ଟି କରିପାରିଲେଣି । ସ୍ୱତଃ ମନରେ ପ୍ରଶ୍ନ ଉଠୁଛି, ଏ ପରମ୍ପରା ସତ୍ତ୍ୱେ ଓଡ଼ିଶାର ଦେବପୂଜା, ବ୍ୟକ୍ତିପୂଜା ଚିଠାରୁ ବି ମଧୁବାବୁ କଟିଗଲେ କିପରି ? ଏ ପ୍ରଶ୍ନର ଉତ୍ତର ଆଜି ସବୁ ଓଡ଼ିଆଙ୍କୁ ଖୋଜି ବାହାର କରିବାକୁ ପଡ଼ିବ ଏବଂ ଏଥିନେଇ ଯେଉଁ ସନ୍ଦେହ ଓ ଆକ୍ଷେପମାନ ଆଜି କରାଯାଉଛି-ତୁରନ୍ତ ସେସବୁର ଅବସାନ ଘଟାଇବାକୁ ହେବ ।

ମଧୁବାବୁଙ୍କର ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ରାଜଧାନୀରେ ପ୍ରତିମୂର୍ତ୍ତିଟିଏ ସୁଦ୍ଧା ନ ଥିବା କଥା ଜାଣି, ଗୋଟିଏ ଦୃଷ୍ଟିରୁ କ୍ଷୋଭ ଆସିଲେ ମଧ୍ୟ ଆଉ ଗୋଟିଏ ଦୃଷ୍ଟିରୁ ଆଶ୍ୱସ୍ତି ଆସେ । କାରଣ ଆଜି ରାଜଧାନୀରେ ସ୍ୱାମୀ ବିବେକାନନ୍ଦ କେଉଁ କ୍ୟାବିନ୍ ପଛରେ ତ, ପଠାଣି ସାମନ୍ତ 'ଛିରୋନାସ୍ତି ଶିରୋପୀଡ଼ା' ନ୍ୟାୟର ନଜିର୍ ସଦୃଶ ରହିଛନ୍ତି ମୁଣ୍ଡକାଟ ଅବସ୍ଥାରେ । ରାଜଧାନୀ ଗୋଲେଇ ଛକରେ କୋଣାର୍କଘୋଡ଼ାର ଭାଗ୍ୟ ସମ୍ପର୍କରେ ପୁଣି ଯେତେ କମ୍ କୁହାଯିବ ସେତେ ଭଲ । ତେବେ ଯେଉଁଠି ସ୍ୱାମୀ ବିବେକାନନ୍ଦ ଓ ପଠାଣିସାମନ୍ତଙ୍କ ପ୍ରତିମୂର୍ତ୍ତିର ଏଭଳି ଦଶା, ସେଠି ଆଜି ମଧୁବାବୁଙ୍କ ସ୍ମୃତିରକ୍ଷା ପାଇଁ ଉତ୍ସାହୀ ଯୁବକଜଣଙ୍କର ପ୍ରଶ୍ନ ଯେତେ ଆବେଗପୂର୍ଣ୍ଣ ହେଉ ନା କାହିଁକି ମୂଲ୍ୟହୀନ ନିଶ୍ଚୟ । ଯଦି ପୂର୍ବପୁରୁଷମାନଙ୍କର ମୂଲ୍ୟବୋଧରେ ଆମର ବିଶ୍ୱାସ ନାହିଁ, ତା'ହେଲେ ସେମାନଙ୍କର ପ୍ରତିମୂର୍ତ୍ତିମାନ ଉନ୍ମୋଚନ କରି ଏବଂ ସେମାନଙ୍କୁ ଏପରି ହତାଦର କରି ଆମେ ନିଜେ ନିଜକୁ ଠକିବାରେ କିଛି ମାନେ ହୁଏନାହିଁ । ସବୁଠାରୁ ପରିତାପର ବିଷୟ ଏହି ଯେ ବ୍ୟକ୍ତିପୂଜା ସଂସାରରେ ବିଶ୍ୱାସୀ ଆଜିର ମନ୍ତ୍ରୀଯନ୍ତ୍ରୀମାନେ ନୂତନ ଓଡ଼ିଶା ନିର୍ମାଣର ଦ୍ରାହିଦେଇ ସ୍କୁଲର ଶୌଚାଳୟଠାରୁ ଆରମ୍ଭ କରି ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସବୁଠି ନିଜ ନିଜର ସ୍ମୃତିଫଳକମାନ ଉନ୍ମୋଚିତ କରିବାରେ ଆଦୌ ସଙ୍କୋଚ ବୋଧ କରୁନାହାନ୍ତି-ବୋଧହୁଏ, ଏଇ ଆଶଙ୍କାରେ ଯେ, କାଳେ ପରବର୍ତ୍ତୀ ସମୟରେ ସେମାନଙ୍କ ସ୍ମୃତିରକ୍ଷା ପାଇଁ କେହି କେବେ ଦାବୀ କରିବେ ନାହିଁ ।

ଏ ଭଳିଆ ପରିସ୍ଥିତିରୁ ନିଜକୁ ଉଦ୍ଧାର କରିବା ହିଁ ହେବ ପ୍ରକୃତ ସ୍ୱାଭିମାନର ପରିଚୟ ଏବଂ ମଧୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।